## ଏସ୍‌ସିବି ନର୍ସିଂ କଲେଜକୁ ଛୁଇଁଲା କରୋନା

**କଟକ ଅଫିସ:** ଏସ୍‌ସିବି ଡେଣ୍ଟାଲ ବିଭାଗ ଓ ସେଣ୍ଟ୍ରାଲ ଆଇସିୟୁରୁ ବୁଧବାର ପ୍ରାୟ ୩୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗୁରୁବାର ବିଏସ୍‌ସି ନର୍ସିଂ କଲେଜର ଜଣେ ଅଧାପିକା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ଅଫିସ୍‌କୁ ଆସି ଏକ ବୈଠକରେ ଯୋଗଦେଇଥିଲେ। ଫଳରେ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏହାବ୍ୟତୀତ ବିଭିନ୍ନ ବିଭାଗରୁ ୪ ଆଟେଣ୍ଡାଣ୍ଟ, ସୁପର ସ୍ପେସିଆଲିଟି ଆଉଟ ଡୋରରୁ ୨ ଓ ଜଣେ ବ୍ୟାଟେରି ରିକ୍‌ସା ଚାଳକ ଆକ୍ରାନ୍ତ ହୋଇଛନ୍ତି। ଆଚାର୍ଯ୍ୟ ହରିହରରୁ ଜଣେ ଅଧିକାରୀ, ଆଟେଣ୍ଡାଣ୍ଟ ଓ ୨ଜଣ ନୂଆ ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### କୁଶଭଦ୍ରା ନଦୀରେ ବୃଦ୍ଧ ନିଖୋଜ

**କୋଣାର୍କ, ୨୭।୮(ଡି.ଏନ୍.ଏ.):** କୋଣାର୍କ-ପୁରୀ ବେଳାମାର୍ଗ ଲିଆଖିଆ ବ୍ରିଜ ନିକଟ କୁଶଭଦ୍ରା ନଦୀରେ ଗୁରୁବାର ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସ୍ଥାନୀୟ ବରପଦା ଗ୍ରାମର ସାଧୁ ବେହେରା(୬୫)। ମଇଁଷି ପଲକୁ ଜଗିବା ପାଇଁ ସାଧୁ ସବୁବେଳେ ନଦୀ ନିକଟକୁ ଯାଇଥାନ୍ତି। ଗୁରୁବାର ମଧ ସେ ମଇଁଷି ପଲକୁ ଯାଇଥିଲେ। ଅପରାହ୍ନରେ ମଇଁଷି ପଲକୁ ନେଇ ନଦୀପାର ହେଉଥିବା ବେଳେ ନଦୀ ନିକଟରେ ଅନ୍ୟ ଲୋକେ ତାଙ୍କୁ ଦେଖି ନ ପାରି ପୋଲିସକୁ ଜଣାଇଥିଲେ। ଖବରପାଇ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ। ବହୁ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ ନିଖୋଜ ସାଧୁଙ୍କ ପତ୍ତା ମିଳି ନ ଥିଲା। ସ୍ରୋତରେ ଭାସିଯାଇଥିବା ଅନୁମାନ କରାଯାଉଥିବା ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥ ସୂଚନା ଦେଇଛନ୍ତି।

### ପଣ୍ଡିତ ମାନଗୋବିନ୍ଦ ମହାସୁପକାରଙ୍କ ପରଲୋକ

**ପୁରୁଣା ଭୁବନେଶ୍ୱର,୨୭।୮:** ପୁରୁଣା ଭୁବନେଶ୍ୱରସ୍ଥିତ ଯୋଗଶ୍ୱରପାଟଣାରେ ରହୁଥିବା ପଣ୍ଡିତ ମାନଗୋବିନ୍ଦ ମହାସୁପକାରଙ୍କ ଗୁରୁବାର ଅପରାହ୍ନରେ ପରଲୋକ ଘଟିଛି। ତାଙ୍କୁ ୮୮ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମାନଗୋବିନ୍ଦ ଶ୍ରୀଲିଙ୍ଗରାଜ ଓ ଅନନ୍ତ ବାସୁଦେବଙ୍କ ବରିଷ୍ଠ ସେବାୟତ ଥିଲେ। ଏକାମ୍ର ଐତିହ୍ୟ, ବିନ୍ଦୁ ସାଗର, ତ୍ରି ଭୁବନେଶ୍ୱର ଆଦି ପୁସ୍ତକ ମାନଗୋବିନ୍ଦ ଲେଖିଛନ୍ତି। ତାଙ୍କ ମୃତ୍ୟୁରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଭାଜପା ନେତା ବାବୁ ସିଂ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

### ଖୋର୍ଦ୍ଧା: ଗ୍ରାମାଞ୍ଚଳରେ ୪୨୯୨ ସଂକ୍ରମିତ

**ଖୋର୍ଦ୍ଧା ଅଫିସ,୨୭।୮:** ଖୋର୍ଦ୍ଧା ଗ୍ରାମାଞ୍ଚଳ(ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳ, ବାଣପୁର ଓ ବାଲୁଗାଁ ଏନ୍‌ଏସିକୁ ବାଦ୍ ଦେଇ)ରେ ଗୁରୁବାର ୧୭୧ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୨୨ଜଣ ସୁସ୍ଥ ହୋଇଛନ୍ତି। ସୁସ୍ଥ ହାର ୭୧ପ୍ରତିଶତ ରହିଛି। ସେହିପରି ଗ୍ରାମାଞ୍ଚଳରେ ମୋଟ୍ ୪୨୯୨ଜଣ ସଂକ୍ରମିତ ହୋଇଥିବା ବେଳେ୨୬୧୨ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୬୫୪ ସକ୍ରିୟ ରୋଗୀ ଥିବା ବେଳେ ୨୬ଜଣଙ୍କ ମୃତ୍ୟୁ ଘଟିଛି। ବାଲିଅନ୍ତା ବ୍ଲକରେ ଗୁରୁବାର ୧୬ ଆକ୍ରାନ୍ତ ଓ ୯ସୁସ୍ଥ, ବାଲିପାଟଣାରେ ୪୭ ଆକ୍ରାନ୍ତ ଓ ୧୧ସୁସ୍ଥ, ଭୁବନେଶ୍ୱର ବ୍ଲକରେ ୧୪ ଆକ୍ରାନ୍ତ, ଜଟଣୀରେ୧୮ଆକ୍ରାନ୍ତ ଓ ୭ ସୁସ୍ଥ, ଖୋର୍ଦ୍ଧା ବ୍ଲକରେ୨୧ ଆକ୍ରାନ୍ତ ଓ ୧୮ସୁସ୍ଥ, ବେଗୁନିଆରେ କେହି ଆକ୍ରାନ୍ତ ହୋଇ ନ ଥିବା ବେଳେ ଜଣେ ସୁସ୍ଥ, ବୋଲଗଡ଼ ବ୍ଲକରେ ୫ ଆକ୍ରାନ୍ତ ଓ ୫ସୁସ୍ଥ, ଟାଙ୍ଗୀରେ ୩ ଆକ୍ରାନ୍ତ ଓ ୧୯ସୁସ୍ଥ, ଚିଲିକାରେ ୩୨ଆକ୍ରାନ୍ତ ଓ ୩୧ସୁସ୍ଥ ଏବଂ ବାଣପୁର ବ୍ଲକରେ ୧୫ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ଏପର୍ଯ୍ୟନ୍ତ ବାଲିଅନ୍ତା ବ୍ଲକରୁ ଚିହ୍ନଟ ମୋଟ୍ ୨୭୧, ବାଲିପାଟଣା ୨୩୭, ଭୁବନେଶ୍ୱର ବ୍ଲକ ୩୧୮, ଜଟଣୀ ୩୬୨, ଖୋର୍ଦ୍ଧା ବ୍ଲକ ୬୨୨, ବେଗୁନିଆ ୨୩୫, ବୋଲଗଡ଼ ୩୯୮, ଟାଙ୍ଗୀ ୫୦୧, ଚିଲିକା ୬୯୮ ଏବଂ ବାଣପୁର ବ୍ଲକର ୬୫୦ଜଣ ରହିଛନ୍ତି ବୋଲି ସୂଚନା ମିଳିଛି।

### କୋଭିଡ୍ ସଚେତନତା, ସ୍ୱାସ୍ଥ୍ୟ ସର୍ବେକ୍ଷଣକୁ ଗୁରୁତ୍ୱ

**ଖୋର୍ଦ୍ଧାଅଫିସ,୨୭।୮:** ଖୋର୍ଦ୍ଧା ଜିଲାର ବାଣପୁର, ଚିଲିକା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଗୁରୁବାର ଜିଲାପାଳ ସନତ୍ କୁମାର ମହାନ୍ତିଙ୍କ ଅଧକ୍ଷତାରେ ବାଣପୁର ଏନ୍‌ଏସି କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଭିଡ୍ ନିୟନ୍ତ୍ରଣ ଲାଗି ନୂତନ ରଣନୀତି ଉପରେ ଆଲୋଚନା କରାଯାଇଥିଲା। କୋଭିଡ୍ ପରିଚାଳନା କମିଟି ସଦସ୍ୟମାନେ ଯତ୍ନବାନ ହେବା ସହ କରୋନା ସଚେତନତା ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକୁ ଅଧିକ ସକ୍ରିୟ କରିବା ସହ ଲକ୍ଷଣଯୁକ୍ତ ରୋଗୀଙ୍କୁ ତ୍ୱରିତ ସେବା ପ୍ରଦାନ ଲାଗି ଜିଲାପାଳ ମହାନ୍ତି ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଉପଜିଲାପାଳ ଅଶୋକ ବେହୁରିଆ, ଚାମ୍ବର ଅଫ କମର୍ସର ପ୍ରତିନିଧି, ବୁଦ୍ଧିଜୀବୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁରୀରେ ହେବ ଅତ୍ୟାଧୁନିକ ମାଛ ମାର୍କେଟ

**ପୁରୀ ଅଫିସ,୨୭।୮**

- ଗୋଟିଏ ଛାତ ତଳେ ବସିବେ ସବୁ ମାଛ ବ୍ୟବସାୟୀ
- ସ୍ୱାସ୍ଥ୍ୟକର ପରିବେଶରେ ମିଳିବ ସତେଜ ମାଛ, କଙ୍କଡ଼ା
- ତାଳବଣିଆରେ ଚିହ୍ନଟ ହୋଇଛି ୨.୫ ଏକର ଜମି

ପୁରୀରେ ହେବ ଅତ୍ୟାଧୁନିକ ମାଛ ମାର୍କେଟ। ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଏହି ପ୍ରକଳ୍ପକୁ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ରୂପ ଦିଆଯିବ। ପୁରୀ ସହରର ସମସ୍ତ ମାଛ ବ୍ୟବସାୟୀଙ୍କୁ ଗୋଟିଏ ଛାତ ତଳେ ରଖିବା ଲକ୍ଷ୍ୟ ନେଇ ମତ୍ସ୍ୟ ବିଭାଗ ଏମିତି ଏକ ଯୋଜନା ପ୍ରସ୍ତୁତ କରିଛି। ଏ ନେଇ ପ୍ରକ୍ରିୟା ଜୋର୍‌ଦାର ଚାଲିଥିବାବେଳେ ଏଥିଲାଗି ଜମି ମଧ ଚିହ୍ନଟ ସରିଛି। ଏହି ଅତ୍ୟାଧୁନିକ ମାଛ ମାର୍କେଟ ବାସ୍ତବତାର ରୂପ ନେବା ପରେ ଆମିଷପ୍ରେମୀମାନେ ସ୍ୱାସ୍ଥ୍ୟକର ପରିବେଶରେ ସେମାନଙ୍କ ମନ ପସନ୍ଦର ମାଛ ଆଉ କଙ୍କଡ଼ା ପାଇପାରିବେ। ଏପରି କି ଏଠାରେ ସତେଜ ଓ ଜୀଅନ୍ତା ମାଛ ବି ଉପଲବ୍ଧ ହେବ।

ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିଲାଗି ବଡ଼ ବଡ଼ ପ୍ରକଳ୍ପର ନକ୍ସା ଅଙ୍କାଯାଇ ଶିଳାନ୍ୟାସ କରାଯାଇଛି। ଆଧାତ୍ମିକ ସହର ପୁରୀ ମଠ, ମନ୍ଦିରକୁ ନେଇ ବେଶ୍ ସମୃଦ୍ଧ। ଯେଉଁଥିପାଇଁ ପ୍ରତ୍ୟହ ଦେଶ ବିଦେଶରୁ ଭକ୍ତ, ପର୍ଯ୍ୟଟକ ଏଠାକୁ ଛୁଟି ଆସନ୍ତି। ମହାପ୍ରଭୁଙ୍କ ପ୍ରତି ମନରେ ଅତୁଟ ଭକ୍ତି ଓ ବିଶ୍ୱାସ ନେଇ ଅନେକ ଶ୍ରଦ୍ଧାଳୁ ଆସୁଥିବାବେଳେ ଏଠାକାର ବିଭିନ୍ନ ସ୍ଥାନରେ ଆମିଷ ଦ୍ରବ୍ୟ ବିକ୍ରି ହେଉଥିବା ଦେଖି ନାକ ଟେକନ୍ତି। ଅନେକ ସହରବାସୀ ବି ଏଣେତେଣେ ମାଛ, କଙ୍କଡ଼ା ବିକ୍ରିକୁ ନେଇ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ତେବେ ପୁରୀ ବିକାଶକୁ ଦୃଷ୍ଟିରେ ରଖି ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ମାଛ ମାର୍କେଟ ନିର୍ମାଣ ଲାଗି ଯୋଜନା ହୋଇଛି। ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ଚିତ୍ର ଯଦିଓ ବାହାରକୁ ଆସିନାହିଁ, ତଥାପି ମିଳିଥିବା ସୂଚନା ପ୍ରକାରେ ୨୦୨୦-୨୧ ଆର୍ଥିକ ବର୍ଷରେ ମତ୍ସ୍ୟ ବିଭାଗ ଭିତ୍ତିଭୂମି ପାଣ୍ଠିରୁ ପୁରୀରେ ଏକ ସ୍ୱାସ୍ଥ୍ୟକର ଅତ୍ୟାଧୁନିକ ମାଛ ମାର୍କେଟ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ଏହାର ପ୍ରାକ୍ ଆକଳନ ୬କୋଟି ଟଙ୍କା ରହିଥିବାବେଳେ ଏଥିଲାଗି ତାଳବଣିଆରେ ୨.୫ ଏକର ଜମି ଚିହ୍ନଟ ସରିଛି। ଏହାର ନିର୍ମାଣ ଶେଷ ହେଲେ ପ୍ରଥମେ ୧୦୦ରୁ ଊର୍ଦ୍ଧ୍ୱ ମାଛ ବିକାଳୀଙ୍କୁ ଏଠାରେ ମାଛ, କଙ୍କଡ଼ା ବିକିବାକୁ ସୁଯୋଗ ଦିଆଯିବ। ଚାହିଦାକୁ ଦେଖି ପରବର୍ତ୍ତୀ ସମୟରେ ଏହାକୁ ୨/୩ ମହଲା ବିଶିଷ୍ଟ କରାଯାଇ ଅଧିକ ବ୍ୟବସାୟୀଙ୍କୁ ସ୍ଥାନ ଦିଆଯିବା ଲାଗି ଚିନ୍ତା କରାଯାଇଛି। ଗୋଟିଏ ଛାତ ତଳେ ସବୁ ପ୍ରକାର ମାଛ, କଙ୍କଡ଼ା ଏପରି କି ଜୀଅନ୍ତା ମାଛ ବି ଗ୍ରାହକ ପାଇପାରିବେ। ସବୁଠୁ ବଡ଼ କଥା ହେଉଛି ସ୍ୱାସ୍ଥ୍ୟକର ପରିବେଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଅର୍ଥାତ୍‌ମାଛ ମାର୍କେଟର ପାଣି, କାତି ଏବଂ ଅନ୍ୟାନ୍ୟ ବର୍ଜ୍ୟ ଯେପରି ନ ଜମି ପରିବେଶ ପୂତିଗନ୍ଧମୟ ନ ହେବ ସେଥିପାଇଁ ବ୍ୟବସ୍ଥା କରାଯିବ। ମାଛ ମାର୍କେଟରୁ ନିଷ୍କାସିତ ପାଣିକୁ ବିଶୋଧନ କରାଯାଇ ଡ୍ରେନେଜ ସାହାଯ୍ୟରେ ବାହାରକୁ ଛଡ଼ାଯିବ। ସେହିପରି ବର୍ଜ୍ୟବସ୍ତୁକୁ ନିୟମିତ ବ୍ୟବଧାନରେ ସଫା କରାଯାଇ ଗାଡ଼ିରେ ନେଇ ଦୂରରେ ନିର୍ଦ୍ଦିଷ୍ଟ ସ୍ଥାନରେ ଡମ୍ପିଂ କରାଯିବ। ଏତଦ୍‌ବ୍ୟତୀତ ପରବର୍ତ୍ତୀ ସମୟରେ ଏହି ମାଛ ମାର୍କେଟ ନିକଟରେ ଏକ ପରିବା ହାଟ ମଧ କରାଯିବ। ଫଳରେ ଯେ କେହି ଏହି ଗୋଟିଏ ଜାଗାରୁ ଆମିଷ ଓ ନିରାମିଷ ସାମଗ୍ରୀ (ବିଭିନ୍ନ ପନିପରିବା) ପାଇପାରିବେ।

ଏହି ପ୍ରକଳ୍ପ ସଂକ୍ରାନ୍ତରେ ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ବେହେରାଙ୍କୁ ପଚାରିବାରେ କହିଛନ୍ତି, ହଁ ଏମିତି ଏକ ଯୋଜନା କରାଯାଇଛି। ଏଥିପାଇଁ ଜମି ଚିହ୍ନଟ ସରିଥିବାବେଳେ ପ୍ରକ୍ରିୟା ଜାରି ରହିଛି। ସହରର ଏଣେତେଣେ ମାଛ ବିକ୍ରି ନ କରି ଗୋଟିଏ ଜାଗାରେ ବ୍ୟବସାୟୀ ବସିବେ। ମୁଖ୍ୟତଃ ସ୍ୱାସ୍ଥ୍ୟକର ପରିବେଶରେ ମାଛ ବିକ୍ରି କରାଯିବ। ତେବେ ଏ ନେଇ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ଜିଆର୍‌ଏସ୍

**ପୁରୀ ଅଫିସ,୨୭।୮**

**୧ କୋଟି ୭୦ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ**

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୋଟିପତି ଗ୍ରାମ ରୋଜଗାର ସେବକ (ଜିଆରଏସ୍)। ପୁରୀ ଜିଲା ଗୋପ ବ୍ଲକ ଛଇତନା ପଞ୍ଚାୟତର ଜିଆରଏସ୍ ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ତେଣୁ ଭିଜିଲାନ୍ସ ଭୁବନେଶ୍ୱର ଡିଭିଜନ ପକ୍ଷରୁ ଗୁରୁବାର ପରିଡ଼ାଙ୍କ ବାସଭବନ ସମେତ ଏକକାଳୀନ ୬ଟି ସ୍ଥାନରେ ଚଢାଉ କରାଯାଇଛି। ଏହି ଚଢାଉ ବେଳେ ପରିଡ଼ାଙ୍କର ୧ କୋଟି ୭୦ଲକ୍ଷ ୧୫ ହଜାର ୬୫୪ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି।

ସୂଚନା ମୁତାବକ, ପରିଡ଼ାଙ୍କ ନାଁରେ ପୂର୍ବରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଥିଲା। ତେଣୁ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ପୁରୀ ବାଲୁଖଣ୍ଡ ମୌଜାରେ ଥିବା ତିନିମହଲା ବିଶିଷ୍ଟ ୨ଟି କୋଠା, ଛଇତନା ଅଫିସ, ଆଳଶଙ୍ଖାସ୍ଥିତ ପୈତୃକ ଘର ଓ ଅନ୍ୟ ଏକ ଆଜବେଷ୍ଟସ ଘର, ବାଲିକପିଳେଶ୍ୱରପୁର କ୍ଲିନିକ୍‌ରେ ଏହି ଚଢାଉ କରାଯାଇଥିଲା। ଏହି ସମୟରେ ଏକାଧିକ କୋଠା, ପ୍ଲଟ, ବାଇକ୍, ଅଳଙ୍କାର, ବୀମା, ବ୍ୟାଙ୍କ ଜମା ଓ ନଗଦ ଟଙ୍କା ଠାବ କରାଯାଇଛି। ତାଙ୍କର ତିନି ମହଲା ବିଶିଷ୍ଟ ୨ଟି କୋଠାର ମୂଲ୍ୟ ୧,୧୦, ୯୭, ୬୬୭ ଟଙ୍କା, ଗୋଟିଏ ଆଜବେଷ୍ଟସ ଘର ୬, ୫୨, ୬୬୪ ଟଙ୍କା, ଗୋଟିଏ କୋଠା ୨, ୭୦, ୮୦୦ ଟଙ୍କା, ୭ଟି ପ୍ଲଟର ମୂଲ୍ୟ ୧୬,୩୦,୦୦୦ ଟଙ୍କା, ଏକ କ୍ଲିନିକ ୧, ୧୧, ୭୪୧ ଟଙ୍କା, ବିଭିନ୍ନ ବ୍ୟାଙ୍କ ଜମା ୧୬, ୭୦, ୨୭୮ ଟଙ୍କା, ବିଭିନ୍ନ ପଲିସି୭, ୬୨, ୫୨୫ ଟଙ୍କା, ଗୋଟିଏ ବାଇକ୍ ୪୨,୦୦୦ ଟଙ୍କା, ସୁନା ଓ ରୁପା ଅଳଙ୍କାର ୫୧,୬୦୦ ଟଙ୍କା, ନଗଦ ୪,୨୮, ୯୬୦ ଟଙ୍କା ଏବଂ ଘର ସାମଗ୍ରୀ ୨,୯୭, ୪୧୯ ଏହିପରି ମୋଟ ୧କୋଟି ୭୦ଲକ୍ଷ ୧୫ ହଜାର ୬୫୪ ଟଙ୍କା ଆକଳନ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।




ଜେଇଇ ଓ ଏନ୍‌ଇଇଟି ପରୀକ୍ଷା ସ୍ଥଗିତ ଦାବିରେ ସୂଚନା ଭବନ ସମ୍ମୁଖରେ ଆମ ଜନତା ଅଧିକାର ସଂଗଠନ ପକ୍ଷରୁ ଗୁରୁବାର ଦିଆଯାଇଥିବା ଧାରଣା।

# ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲିଅନ୍ତା,୨୭।୮(ଡି.ଏନ୍.ଏ.)**

ବାଲିଅନ୍ତା ହାଟ ନିକଟ କୁଶଭଦ୍ରା ନଦୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ବୟସ ୨୫ରୁ ୩୦ବର୍ଷ ହେବ ବୋଲି ପୋଲିସ କହିଥିବାବେଳେ ପରିଚୟ ଜଣାପଡ଼ି ନାହିଁ। ଏ ନେଇ ବାଲିଅନ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହଟି କୁଆଖାଇ ନଦୀର ଉପରମୁଣ୍ଡରୁ ଭାସି ଆସିଥିବା ଅନୁମାନ କରାଯାଉଛି।

# ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁ ଅଭିଯୋଗ

**କଟକ ଅଫିସ,୨୭।୮**

- ସଙ୍କଟାପନ୍ନ ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ମହିଳାଙ୍କ ଆକୁଳ ନିବେଦନ
- ଏସ୍‌ସିବି ଆଇସୋଲେଶନ ୱାର୍ଡର ଭିଡିଓ ଭାଇରାଲ

ଏସ୍‌ସିବି ଆଇସୋଲେଶନ ୱାର୍ଡର ବିକଳ ଚିତ୍ର ପୁଣି ପଦାକୁ ଆସିଛି। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ସ୍ୱାମୀଙ୍କ ଜୀବନ ଚାଲିଯାଇଛି ବୋଲି ଜଣେ ମହିଳା ଅଭିଯୋଗ ଆଣିଛନ୍ତି। ଗୁରୁବାର ଭୋରରେ ଜଣେ ରୋଗୀ ସଙ୍କଟାପନ୍ନ ହେବାରୁ ତାଙ୍କ ସ୍ତ୍ରୀ ୱାର୍ଡ ସାରା କାନ୍ଦି କାନ୍ଦି ଡାକ୍ତରଙ୍କୁ ଖୋଜିଥିଲେ। କିନ୍ତୁ ଡାକ୍ତରଙ୍କ ଦେଖା ମିଳି ନ ଥିଲା। ଶେଷରେ ଉପସ୍ଥିତ କର୍ମଚାରୀଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କରିଥିଲେ। ଏମାନେ ମାନବିକତାର ପରିଚୟ ଦେଇ ରୋଗୀଙ୍କ ଦେହରେ ଲାଗିଥିବା ଅକ୍ସିଜେନ ପାଇପକୁ ଚେକ୍ କରିବା ସହ ପାଖରେ ବେହୋସ୍ ଅବସ୍ଥାରେ ପଡ଼ିଥିବା ସମ୍ପର୍କୀୟଙ୍କୁ ପାଣି ଦେଇଥିଲେ। ଏହାର କିଛିସମୟ ପରେ ସମ୍ପୃକ୍ତ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ସମସ୍ତ ଦୃଶ୍ୟକୁ କେହି ଜଣେ ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଛାଡ଼ିବା ପରେ ଏହା ଭାଇରାଲ ହୋଇଛି। ଏ ସମ୍ପର୍କରେ ପଲମୋନାରୀ ମେଡିସିନ ବିଭାଗର ମୁଖ୍ୟ ଡାକ୍ତର ଏମ୍. ଆର୍. ପଟ୍ଟନାୟକ ଅବହେଳା ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ଏବେ ଆଇସୋଲେଶନ ୱାର୍ଡରେ ଥିବା ୩୦୦ ରୋଗୀଙ୍କ ପାଇଁ ୩୬୦ ଡିଗ୍ରୀ କଭରେଜ ରଖି କାମ କରାଯାଉଛି। ଭାଇରାଲ ଭିଡିଓ ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ ଭାବେ ବଦନାମ ପାଇଁ କରାଯାଉଛି।

## ବଗଲା ଜମି ବିବାଦ: ବିରୋଧ ଜାରି

**ପୁରୀ ଅଫିସ,୨୭।୮**

ବଗଲା ଜମି ବିବାଦକୁ ନେଇ ବିରୋଧ ଜାରି ରହିଛି। ଭାଜପା, କଂଗ୍ରେସ, ସିପିଆଇ (ଏମ୍) ପକ୍ଷରୁ ଧର୍ମଶାଳା ସମ୍ମୁଖରେ ଆନ୍ଦୋଳନ ଜାରି ରହିଛି। ଗୁରୁବାର ବଗଲା ଜମି ବିକ୍ରିକୁ ବିରୋଧ କରିଛି ବିଶ୍ୱ ହିନ୍ଦୁ ପରିଷଦ ଏବଂ ଅଖିଳ ଭାରତ ହିନ୍ଦୁ ମହାସଭା। ବିଶ୍ୱହିନ୍ଦୁ ପରିଷଦ ପୁରୀ ନଗର ସଭାପତି ନାରାୟଣ ଦାଶ କହିଛନ୍ତି, ବଗଲା ବହିରାଗତ ଭକ୍ତଙ୍କର ଆଶ୍ରୟସ୍ଥଳ ଓ ଶ୍ରୀକ୍ଷେତ୍ରବାସୀଙ୍କ ଆଧାତ୍ମିକ କେନ୍ଦ୍ରସ୍ଥଳ ଥିଲା। ସେହିପରି ଅଖିଳ ଭାରତ ହିନ୍ଦୁ ମହାସଭା ରାଜ୍ୟ ଉପସଭାପତି ସୂର୍ଯ୍ୟନାରାୟଣ ରଥ ଥଇଥାନ ନାଁରେ ଧର୍ମଶାଳା ଜମି ବିକ୍ରିକୁ ତୀବ୍ର ବିରୋଧ କରିଛନ୍ତି।

## ମହିଳା ଏଏସ୍‌ଓଙ୍କୁ ବରିଷ୍ଠ ଅଧିକାରୀଙ୍କ ଅସଦାଚରଣ

**ଭୁବନେଶ୍ୱର,୨୭।୮(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ଭାବେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ କାର୍ଯ୍ୟାଳୟର ଜଣେ ଉଚ୍ଚ ପଦସ୍ଥ ବରିଷ୍ଠ ଅଧିକାରୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡିତା ଜଣକ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ନିବେଦନ କରିଛନ୍ତି। ତେବେ କମିଶନ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଉଭୟଙ୍କୁ ହାଜର ହେବାକୁ ନୋଟିସ କରିଥିଲେ। ଗୁରୁବାର ମହିଳା ଜଣକ ହାଜର ହୋଇଥିବା ବେଳେ ବରିଷ୍ଠ ଅଧିକାରୀଙ୍କ ଓକିଲ ହାଜର ହୋଇ ଶାରୀରିକ ଅସୁସ୍ଥତା ଥିବା ଦର୍ଶାଇଥିଲେ। ଫଳରେ କମିଶନ ଆସନ୍ତା ୨ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

## ଥାନାଧିକାରୀଙ୍କୁ ଗାଳିଗୁଲଜ କରି କନ୍‌ଷ୍ଟେବଲ ନିଲମ୍ବିତ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

**ତଦନ୍ତ ନିର୍ଦ୍ଦେଶ ଦେଲେ ଡିସିପି**

ଏୟାରଫିଲ୍ଡ ଥାନା ଅଧିକାରୀ ଦୀପକ ମିଶ୍ରଙ୍କୁ ଗାଳିଗୁଲଜ ଅଭିଯୋଗରେ ଉକ୍ତ ଥାନାର କନ୍‌ଷ୍ଟେବଲ ପ୍ରଭାତ କୁମାର ସାମଲଙ୍କୁ ନିଲମ୍ବିତ କରାଯାଇଛି। ଥାନା ଅଧିକାରୀଙ୍କ ରିପୋର୍ଟ ଆଧାରରେ ଡିସିପି ଏହି ପଦକ୍ଷେପ ନେଇଛନ୍ତି। ସବୁଠୁ ବଡ଼ କଥା ହେଲା ଥାନା ଅଧିକାରୀ ମିଶ୍ର ନିଜ ଅଭିଯୋଗ ଆଧାରରେ ନିଜେ କନ୍‌ଷ୍ଟେବଲ ପ୍ରଭାତଙ୍କ ନାମରେ ମାମଲା (ନଂ.୧୫୩/୨୦) ରୁଜୁ କରିଛନ୍ତି। ତେବେ ଏହାକୁ ନେଇ ଭିନ୍ନ ଚର୍ଚ୍ଚା ହେବାରୁ ଡିସିପି ଘଟଣାର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜୋନ୍ ଏସିପି ବିଷ୍ଣୁ ପାତ୍ର ତଦନ୍ତ କରି ରିପୋର୍ଟ ଦେବେ। ଏହାପରେ କନ୍‌ଷ୍ଟେବଲଙ୍କ ବିରୋଧରେ ପରବର୍ତ୍ତୀ ପ୍ରୋସିଡିଂ ହେବ ବୋଲି ଡିସିପି ଡା. ଉମାଶଙ୍କର ଦାଶ କହିଛନ୍ତି।

# ଆଣ୍ଟିଜେନ କିଟ୍ ଅଭାବରୁ ଫେରୁଛନ୍ତି ରୋଗୀ

**କଟକ ଅଫିସ,୨୭।୮**

**ଭୁବନେଶ୍ୱରରେ ଅଛି, କଟକରେ ମିଳୁନି**

ସରକାର କହୁଛନ୍ତି ଟେଷ୍ଟ ସଂଖ୍ୟା ବଢିଲେ ପଜିଟିଭ ସଂଖ୍ୟା ବଢ଼ିବ। ତେବେ ଯାଇ ଶୀଘ୍ର କରୋନାକୁ ମାତ୍ ଦେଇହେବ। କିନ୍ତୁ କଟକରେ ଏହି କଥାର କିଛି ଗୁରୁତ୍ୱ ଥିଲା ପରି ମନେ ହେଉ ନାହିଁ। କାରଣ ଏଠାରେ ଚଳିତ ସପ୍ତାହର ପ୍ରଥମ ଦିନରୁ ହିଁ ପ୍ରମୁଖ ହସ୍ପିଟାଲ ଗୁଡ଼ିକରେ ଟେଷ୍ଟ କରିବା ପାଇଁ ଆଣ୍ଟିଜେନ କିଟ୍‌ର ଅଭାବ ପରିଲକ୍ଷିତ ହୋଇଛି। ଗତ ସୋମବାର କଟକସ୍ଥ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ କିଟ୍ ନ ଥିବା ନେଇ ଏସ୍‌ସିବିର ଭିଡିଆର୍‌ଏଲ୍ ବିଭାଗକୁ ଅବଗତ କରାଯାଇଥିଲା। ଫଳରେ ମଙ୍ଗଳବାର କାମ ଚଳାଇବା ଲାଗି ୫୦ଟି କିଟ୍ ମିଳିଥିଲା। କିନ୍ତୁ ପ୍ରକୃତ ପକ୍ଷେ ଏଠାରେ କାଜୁଆଲିଟି, ଆଉଟଡୋର୍, ରେଡିଓଥେରାପି, କେମୋଥେରାପି ଆଦି ବିଭାଗ ପାଇଁ ଦୈନିକ ୧୫୦ କିଟ୍ ଆବଶ୍ୟକ ପଡ଼ିଥାଏ। ତେଣୁ ମଙ୍ଗଳବାର କେବଳ ଆଉଟଡୋର୍‌ରେ ଟେଷ୍ଟ କରିବା ପାଇଁ ୧୦୦ ଜଣ ନାମ ପଞ୍ଜୀକରଣ କରିଥିଲେ। କିନ୍ତୁ ୬୦ଜଣଙ୍କ ଟେଷ୍ଟ ପରେ କିଟ୍ ସରିଯିବାରୁ ଅବଶିଷ୍ଟ ୪୦ଜଣଙ୍କୁ ଫେରାଇ ଦିଆଯାଇଥିଲା। ଗାଡ଼ି ଚଳାଚଳ ସ୍ୱାଭାବିକ ନ ହୋଇଥିବାରୁ ସେମାନେ ହଇରାଣ ହୋଇ ଘରକୁ ଫେରିଥିଲେ। ପରେ ବୁଧବାର ଆଉ ୫୦ କିଟ୍ ସିଡିଏମ୍‌ଓ କାର୍ଯ୍ୟାଳୟରୁ ମିଳିଥିଲା। ଗୁରୁବାର ଆଉଟଡୋରରେ ୯୩ ରୋଗୀ ନାମ ପଞ୍ଜୀକରଣ କରିଥିଲେ। ୫୦ ଜଣଙ୍କ ପରୀକ୍ଷା ସରିବା ପରେ ବାକି ରୋଗୀଙ୍କ ଆର୍‌ଟିପିସିଆର୍ ବାଧ ହୋଇ କରାଯାଇଥିଲା। ଯାହା ସମୟ ସାପେକ୍ଷ ଥିଲା। ଏଠାରେ ରୋଗୀଙ୍କ ଚିକିତ୍ସା ପ୍ରକ୍ରିୟା ଆରମ୍ଭ କରିବାକୁ ଅଧିକ ଦିନେ ଦୁଇଦିନ ଅପେକ୍ଷା କରିବାକୁ ପଡୁଛି। କାରଣ ଚିକିତ୍ସା ପୂର୍ବରୁ କରୋନା ପରୀକ୍ଷା ବାଧତାମୂଳକ ରହିଛି।

କେବଳ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ନୁହେଁ ଏସ୍‌ସିବିରେ ମଧ ସମାନ ସ୍ଥିତି। ଏଠାରେ ଆଣ୍ଟିଜେନ କିଟ୍ ନ ଥିବାରୁ ଗୁରୁବାର ସୁପର୍ ସ୍ପେସିଆଲିଟି ଆଉଟଡୋର୍‌ରେ ଶତାଧିକ ରୋଗୀ ହଇରାଣ ହୋଇଛନ୍ତି। ଉଭୟ ନ୍ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗ ଆଉଟଡୋର୍‌ରେ ଡାକ୍ତରଙ୍କ ପରାମର୍ଶ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ରୋଗୀ ଆସିଥିଲେ। କିନ୍ତୁ ମାତ୍ର ୨୦ଜଣଙ୍କ ଆଣ୍ଟିଜେନ ପରୀକ୍ଷା କରାଯିବା ପରେ କିଟ୍ ସରିଗଲା। ଫଳରେ ହସ୍ପିଟାଲ କର୍ତ୍ତୃପକ୍ଷ ବିକଳ୍ପ ଭାବେ ଆର୍‌ଟିପିସିଆର୍ କରାଇଥିଲେ। ରିପୋର୍ଟ ବିଳମ୍ବରେ ଆସିବା ଯୋଗୁ ଯେଉଁମାନେ ସେହି ଦିନ ଘରକୁ ଫେରିବାର ଥିଲା ସେମାନେ ବାଧ ହୋଇ ଅଟକି ରହିଲେ। ଏବେ ଉଭୟ ମେଡିକାଲ୍ କର୍ମଚାରୀ ଓ ରୋଗୀ କିଟ୍ ନ ଥିବା କାରଣରୁ ପ୍ରତିଦିନ ହନ୍ତସନ୍ତ ହେଉଛନ୍ତି। କିଟ୍ ଅଭାବ ଅଭିଯୋଗକୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ, ଏସ୍‌ସିବି କର୍ତ୍ତୃପକ୍ଷ ଏବଂ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱୀକାର କରିଛନ୍ତି। ଏ ନେଇ ସିଡିଏମ୍‌ଓ ଡା. ସତ୍ୟବ୍ରତ ଛୋଟରାୟ କହିଛନ୍ତି, ଆମେ ଶୁଣୁଛୁ କିଟ୍ ଭୁବନେଶ୍ୱରରେ ଯଥେଷ୍ଟ ଅଛି, କିନ୍ତୁ କଟକରେ ଅଭାବ। ତଥାପି ସମସ୍ୟା ଶୀଘ୍ର ସମାଧାନ ହୋଇଯିବ ବୋଲି ଆଶା ରଖିଛୁ।

**ODISHA STATE CIVIL SUPPLIES CORPORATION LIMITED**
(A Government of Odisha Undertaking)
PLOT NO. C/2, NAYAPALLI, BHUBANESWAR-751012
CIN : U51211OR1980SGC000894

Tender No. 10772/P-II/32/2019(Pt-III)/PDS Dt. 27.08.2020

Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1. | Name of the work | Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2. | Availability of bid Document in the portal | From 28.08.2020 |
| 3. | Last Date/Time for receipt of bids in the portal | Dt. 03.09.2020 up to 5.00 PM |
| 4. | Date/Time of Opening of Technical Bid | Dt. 04.09.2020 at 3.30 PM |
| 5. | Name and address of the Officer inviting Tender | Managing Director, OSCSC Ltd., C/2, Nayapalli, Bhubaneswar. |

Tender Documents & other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in**. Amendments/corrigendum/cancellation/retenders etc. if any shall be published only in above websites.

**Managing Director**

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051, Phones: 06861-232581 (O)/ 232641 (R), FAX: 06861-232541, E-mail: unit.head_balimela@yahoo.com

**TENDER CALL NOTICE No. BHEP-21/2020-21 Dated: 26.08.2020**

No. CAD-412: Sealed tenders are invited in Single Part bid basis from dealers/ exporters/wholesale suppliers fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of opening of Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Supply of 217 Nos. Turkish towel of Bombay dyeing make for BHEP, Balimela | Rs.2000/- + Rs.360 (GST @ 18%) = Rs.2360/- (Rupees Two Thousand Three Hundred Sixty) only | Rs.2400/- (Rupees Two Thousand Four Hundred) only (1% of Estimated Cost) | 03.09.2020 to 13.00 hrs. on 22.09.2020 | 22.09.2020 upto 16.00 hrs. | 22.09.2020 at 16.30 hrs. |

For details of the tender documents, terms and conditions, please visit our website www.ohpcltd.com.

OIPR-04019/11/0020/2021 Sd./- C&P Head, BHEP, Balimela

Advt. No. 471/Date: 24.08.2020

**ZILLA SWASTHYA SAMITI, MAYURBHANJ**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
E-mail: dpmumay@gmail.com

**Advertisement for Filling up of different Vacant Post under RBSK**

**No. E-204:-** Applications are invited only from the contractual employees currently working under NHM in the same post of OSH & FW society in other district, desiring to be posted in Mayurbhanj District against the vacant positions mentioned below.

| Sl. No. | Name of the Positions | No. of Positions Vacant |
|---|---|---|
| 01. | AYUSH (Female), Ayurvedic (RBSK) | 10 |
| 02. | AYUSH (Female), Homeopathy (RBSK) | 05 |

Interested candidates may log on to **www.mayurbhanj.nic.in** for detail terms, conditions & application forms. The Eligible Candidates for the above posts may apply to the O/o CDM& PHO, Mayurbhanj, Pin Code: 757001 by 07.09.2020 upto (05.00 P.M.) by Regd. Post/ Speed Post/Courier only.

The application must be superscribed as *"APPLICATION FORM FOR THE POST OF <NAME OF THE POST> & CATEGORY OF APPLICATION <IN-HOUSE CANDIDATE>"*. Applications received after the due date will not be considered. Number of vacancies under this advertisement is provisional which may vary depending upon the requirement at the time of selection. The undersigned reserves the right to cancel/reject any or all the applications without assigning any reason thereof.

**Sd./- Dr. Rupabhanu Mishra**
**Chief District Medical & PHO, Mayurbhanj**
OIPR-10020/11/0004/2021

### ଚୌଦ୍ୱାର ଜେଲରେ ଜଣେ କର୍ମଚାରୀ ପଜିଟିଭ୍

ଚୌଦ୍ୱାର,(ଡି.ଏନ୍.ଏ): ଚୌଦ୍ୱାର ସର୍କଲ ଜେଲ ତରଫରୁ କଏଦୀ ଓ ଜେଲ କର୍ମଚାରୀମାନଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ପରୀକ୍ଷଣରେ ଜଣେ ଜେଲ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ ବାହାରିଥିବା ଏବଂ ତାଙ୍କୁ ଜେଲ ଭିତରେ ଥିବା ଆଇସୋଲେଶନ୍‌ରେ ରଖାଯାଇଥିବା ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ବିଛାଇ ବନ୍ୟପ୍ରାଣୀ ଶିକାର

ବେଗୁନିଆ,୨୭।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ଡିଙ୍ଗର ଓ ଚଣ୍ଡିଆପଲା ସରକାରୀ କାଜୁ ବଗିଚାରେ କେତେଜଣ ଶିକାରୀ ବିଦ୍ୟୁତ୍ ତାର ବିଛାଇ ବନ୍ୟପ୍ରାଣୀ ଶିକାର କରି ଭୋଜି କରୁଛନ୍ତି। ଏହା ସହ ସ୍ଥାନୀୟ ଅଞ୍ଚଳରେ ବାର୍ହା ଦାନ୍ତ ଗୋଟିକୁ ୨ଶହ ଟଙ୍କା ଓ ଏହାର ମାଂସ ୨୦୦ରୁ ୨୫୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସୂଚନାଥାଉ କି, କିଛିଦିନ ହେବ ଏହି ବ୍ଲକ ଅଞ୍ଚଳରେ ବାର୍ହା ମାଂସ ଓ ଦାନ୍ତ ବିକ୍ରି ହେଉଥିବା ଜଣାପଡ଼ିଥିଲା। ଏନେଇ ଅନୁସନ୍ଧାନ ପରେ ପ୍ରତିଦିନ କେତେଜଣ ଶିକାରୀ ଡିଙ୍ଗର ଓ ଚଣ୍ଡିଆପଲା କାଜୁ ବଗିଚାରେ ବନ୍ୟପ୍ରାଣୀ ଶିକାର ପରେ ଭୋଜି କରୁଥିବା ଦେଖିବାକୁ ମିଳିଥିଲା। ଶିକାରୀମାନେ ପ୍ରାୟ ୨୦୦ମିଟର ବିଦ୍ୟୁତ୍ ତାର ବିଛାଇବା ସହିତ ଉକ୍ତ ବଗିଚାରେ ରୋଷେଇ ପାଇଁ ଚାଳିଆ କରିଛନ୍ତି। ୮ଫୁଟ ଲେଖାଏ ଦୂରତାରେ ୩ଫୁଟ ଉଚ୍ଚତାର କାଠ ଖୁଣ୍ଟରେ ଜିଆଇ ତାରରେ ବିଦ୍ୟୁତ୍ ତାର ସଂଯୋଗ କରାଯାଇଛି। ସନ୍ଧ୍ୟା ହେଲେ ଏକ ଘରୋଇ ଫାର୍ମ ହାଉସକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାରରେ ହୁକ୍ ପକାଇ ଏଥିରେ ବିଦ୍ୟୁତ୍ ସଂଯୋଗ କରାଯାଉଛି। ବେଗୁନିଆ ଫରେଷ୍ଟର ଅନିତ୍ ପଟ୍ଟନାୟକ କହିଛନ୍ତି, ଏନେଇ ସୂଚନା ମିଳିଛି। ଅନୁସନ୍ଧାନ ଜାରି ରହିଛି।

### ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୬୫,୩୨୩କୁ ବୃଦ୍ଧି

ଭୁବନେଶ୍ୱର, ୨୭।୮ (ବ୍ୟୁରୋ): ରାଜ୍ୟର ୩୦ ଜିଲାରୁ ଆଉ ୨୫୧୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଆରୋଗ୍ୟ ସଂଖ୍ୟା ୬୫,୩୨୩କୁ ବୃଦ୍ଧି ପାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନୂଆ ସୁସ୍ଥଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୪୩୫ଜଣ ରହିଥିବାବେଳେ ଗଞ୍ଜାମରୁ ୨୭୭ଜଣ, କଟକ ୨୨୫, ପୁରୀ ୨୧୮, ଯାଜପୁର ୧୩୫, ମୟୂରଭଞ୍ଜ ୧୧୯ ଓ ବାଲେଶ୍ୱରରୁ ୧୦୧ଜଣ ରହିଛନ୍ତି। ସେହିପରି ଶହେ ତଳକୁ ରହିଥିବା ଜିଲା ମଧ୍ୟରେ ଗଜପତିରୁ ୮୯, ମାଲକାନଗିରି ୭୫, ସୁନ୍ଦରଗଡ଼ ୭୨, ସମ୍ବଲପୁର ୬୪, ବଲାଙ୍ଗୀର ୫୧, କଳାହାଣ୍ଡି ୪୮, କନ୍ଧମାଳ ୪୭, ଭଦ୍ରକ ୪୩, ଝାରସୁଗୁଡ଼ା ୪୨, ସୁବର୍ଣ୍ଣପୁର ୩୮, ବରଗଡ଼ ୩୬, ନୟାଗଡ଼ ୩୩, ବୌଦ୍ଧ ୩୧, ଢେଙ୍କାନାଳ ଓ କେନ୍ଦୁଝରରୁ ୩୦ ଲେଖାଏ, କେନ୍ଦ୍ରାପଡ଼ା ଓ ରାୟଗଡ଼ାରୁ ୨୫ ଲେଖାଏ, ଜଗତ୍‌ସିଂହପୁର ୧୭, ନବରଙ୍ଗପୁର ୧୧, ଅନୁଗୋଳ ୫, ଦେବଗଡ଼ ଓ ନୂଆପଡ଼ାରୁ ୩ଜଣ ଲେଖାଏ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

### ୨ ଦିନ ଏରଞ୍ଚ ପଞ୍ଚାୟତର ୮ ୱାର୍ଡ ଶଟ୍‌ଡାଉନ

ନିଆଳି, ୨୭।୮(ଡି.ଏନ୍.ଏ.): ନିଆଳି ବ୍ଲକ ଦେବୀକନ୍ଦଳ ଦ୍ୱୀପାଞ୍ଚଳରେ ଏରଞ୍ଚ ପଞ୍ଚାୟତର ଜଣେ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ରୋକିବା ପାଇଁ ସରପଞ୍ଚ କାଦମ୍ବିନୀ ସାହୁ ୪୮ଘଣ୍ଟା ପାଇଁ ପଞ୍ଚାୟତର ୮ ୱାର୍ଡକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଗୁରୁ ଓ ଶୁକ୍ରବାର ଦୁଇଦିନ ଏହି ୮ଟି ୱାର୍ଡର ଦୋକାନ ବଜାର ସବୁ ବନ୍ଦ ରହିବ। ଯେଉଁମାନେ ଏହି ନିୟମକୁ ଅମାନ୍ୟ କରିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରପଞ୍ଚ କହିଛନ୍ତି।

### କଣ୍ଟାବାଡ଼, ମୁକୁନ୍ଦପୁର ଗ୍ରାମ ଶଟ୍‌ଡାଉନ

ବେଗୁନିଆ,୨୭।୮(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ପଞ୍ଚାୟତରେ ୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ରୋକିବା ପାଇଁ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଏହି ପଞ୍ଚାୟତର କଣ୍ଟାବାଡ଼, ମୁକୁନ୍ଦପୁର ଗ୍ରାମ ସହ ଏଠାରେ ଥିବା ସମସ୍ତ ସରକାରୀ ଓ ଘରୋଇ ଅନୁଷ୍ଠାନକୁ ୪୮ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ କରିଛନ୍ତି। ଗୁରୁବାର ସକାଳ ୭ଟାରୁ ଶନିବାର ସକାଳ ୭ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

### ୨ଦିନ ବ୍ରହ୍ମପୁର ଗ୍ରାମ ଶଟ୍‌ଡାଉନ

ଚୌଦ୍ୱାର,୨୭।୮(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତରେ ଜଣେ ବ୍ୟକ୍ତି ପଜିଟିଭ ଚିହ୍ନଟ ହେବା ପରେ ସରପଞ୍ଚ ସୁଜାତା ରାଉତ ବ୍ରହ୍ମପୁର ଓ ଜେମାଦେଇପୁର ଗ୍ରାମରେ ୨ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ଗୁରୁବାର ପୂର୍ବାହ୍ନ ୧୧ଟାରୁ ଶନିବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ୨ ଗ୍ରାମରେ କେବଳ ଔଷଧ ଦୋକାନ ଖୋଲା ରହିବ।

# ଉତ୍କଟ ହେଉଛି ଜଳ ନିଷ୍କାସନ ସମସ୍ୟା

ସାକ୍ଷୀଗୋପାଳ,୨୭।୮(ଡି.ଏନ୍.ଏ.)

**ନୂଆଗାଁ ଖଳାସୀ ନାଳ ଖନନ ପାଇଁ ୩.୬୫ କୋଟିର ପ୍ରସ୍ତାବ**



ଅନୁଧ୍ୟାନରେ ଯାଇଥିବା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ଅନ୍ୟମାନେ।

ବଳଙ୍ଗା ଅନ୍ତର୍ଗତ ବ୍ରାହ୍ମଣଖଣ୍ଡିରୁ ବାହାରି ପୂର୍ବ ସତ୍ୟବାଦୀର ୬ଟି ପଞ୍ଚାୟତ ଦେଇ ପ୍ରବାହିତ ନୂଆଗାଁ ଖଳାସୀନାଳ ଖନନ ପାଇଁ ୩. ୬୫ କୋଟି ଟଙ୍କା ବ୍ୟୟ କରାଯିବ। ୧୩. ୫ କିଲୋମିଟର ମୁଖ୍ୟନାଳ ସହ ଏହାକୁ ସଂଯୋଗ କରୁଥିବା ୨୫ କିଲୋମିଟର ବ୍ୟାପୀ ୧୩ଟି ଶାଖାନାଳର ପୁନରୁଦ୍ଧାର କରିବା ସହ ୪ଟି ସଂକୀର୍ଣ୍ଣ ସେତୁକୁ ପ୍ରଶସ୍ତୀକରଣ କରାଯିବ। ଏଥିପାଇଁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସହ ପୁରୀ ଜଳ ନିଷ୍କାସନ ବିଭାଗର ନିର୍ବାହୀଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାଶ ଓ ଅନ୍ୟ ଅଧିକାରୀମାନେ ସତ୍ୟବାଦୀ ବ୍ଲକର ବଳରାମପୁରଗଡ଼, ବିଦ୍ୟାଧରପୁର, ରାୟଖଣ୍ଡି, ମହୁରା, ପରଜାପଡ଼ା ଓ କେତକୀପାଟଣା ପଞ୍ଚାୟତର ବର୍ଷାଜଳରେ ବୁଡି ରହିଥିବା ଚାଷଜମିଗୁଡିକର ସ୍ଥିତି ଗୁରୁବାର ଅନୁଧ୍ୟାନ କରି ଏହି ସୂଚନା ଦେଇଛନ୍ତି। ଖଳାସ ହୋଇ ପାରୁ ନ ଥିବା ବିଲାତି ଦଳଗୁଡିକ ସଫା କରାଯାଉଥିବା ବେଳେ ଜଳ ନିଷ୍କାସନ ସମସ୍ୟା ଦୂରୀକରଣ ନିମନ୍ତେ ଆକ୍ସନପ୍ଲାନ ପ୍ରସ୍ତୁତ କରାଯାଇଛି। ବ୍ୟୟ ଅଟକଳ ପ୍ରସ୍ତାବ ରାଜ୍ୟ ସରକାରଙ୍କଠାରୁ ମଞ୍ଜୁରୀ ପାଇବା ପରେ ଫେବୃୟାରୀରେ କାମ ଆରମ୍ଭ କରାଯାଇ ୧୧ ମାସରେ ପୂର୍ଣ୍ଣାଙ୍ଗ ହେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ନିର୍ବାହୀଯନ୍ତ୍ରୀ କହିଛନ୍ତି। ବଳଙ୍ଗା ଅଞ୍ଚଳରୁ ଆସୁଥିବା ଉଦ୍‌ବୃତ୍ତ ଜଳ ଏହି ଖଳାସୀନାଳ ମାଧ୍ୟମରେ ପୁରୀ ସଦର ବ୍ଲକର ଜମାରସୁଆଁ ବଡ଼ଘାଇଠାରେ ନୂଆନଇକୁ ଖଳାସ ହେଲେ ଜଳ ନିଷ୍କାସନ ସମସ୍ୟା ଦୂର ହୋଇପାରିବ। ସୂଚନାଯୋଗ୍ୟ, ଦୀର୍ଘ ୩୦ ବର୍ଷଧରି ବର୍ଷା ଋତୁରେ ସୃଷ୍ଟି ହେଉଥିବା ସମସ୍ୟା ଯୋଗୁ ସତ୍ୟବାଦୀ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇ ଚାଷୀମାନଙ୍କର ଜୀବନ ଜୀବିକା ଉଜୁଡ଼ିଯାଉଥିବା ବାରମ୍ବାର ଅଭିଯୋଗ ହୋଇଛି। ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାଶ, ସହକାରୀ କୃଷି ଅଧିକାରୀ ଶାନ୍ତା ସୁଚରିତା ଦାସ, କୃଷି ବୈଷୟିକ ଅଧିକାରୀ ସୋଲେଶ ଦାସ, ଜଳ ନିଷ୍କାସନ ବିଭାଗ ଉପଖଣ୍ଡ ଅଧିକାରୀ ଦେବେନ୍ଦ୍ର ନାରାୟଣ ଷଡ଼ଙ୍ଗୀ, କନିଷ୍ଠଯନ୍ତ୍ରୀ ସଞ୍ଜୟ ପଣ୍ଡା, ସରପଞ୍ଚ ନିରଞ୍ଜନ ମାହାରୀ ଓ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ରାଉତରା, ବିଭିନ୍ନ ଗ୍ରାମ କମିଟିର ମୁଖିଆ, ଚାଷୀ ଓ ସ୍ଥାନୀୟ ଲୋକେ ଏହି ସମସ୍ୟା ଅନୁଧ୍ୟାନ ସମୟରେ ଉପସ୍ଥିତ ରହି ଆଲୋଚନା କରିଥିବା ଦେଖାଯାଇଛି।

# ଭୁବନେଶ୍ୱର: ୩୮୬ ଚିହ୍ନଟ, ୨୧୩ ସୁସ୍ଥ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ସଂକ୍ରମଣରେ ଏବେ ଖୋର୍ଦ୍ଧା ଜିଲା ଶୀର୍ଷରେ ରହିଛି। ବସ୍ତି ବହୁଳ ଭୁବନେଶ୍ୱର ପାଇଁ ଜିଲାରେ ସବୁଠୁ ଅଧିକ ଆକ୍ରାନ୍ତ ବାହାରୁଥିବା କୁହାଯାଉଛି। ଶେଷ ୨୪ ଘଣ୍ଟାରେ ଜିଲାରେ ଆଉ ୫୫୭ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୩୮୬ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୮୩ଜଣ ସଙ୍ଗରୋଧ କେନ୍ଦ୍ରରୁ ରହିଥିବାବେଳେ ୨୦୩ଜଣ ସ୍ଥାନୀୟ ଆକ୍ରାନ୍ତ ଅଛନ୍ତି। ଫଳରେ ରାଜଧାନୀରେ ଆକ୍ରାନ୍ତ ସଂଖ୍ୟା ୮୬୪୭କୁ ବୃଦ୍ଧି ପାଇଛି। ସବୁଠୁ ବଡ଼ କଥା ହେଲା ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହୁଥିବାରୁ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ସମ୍ଭବ ହେଉନି। କ୍ୱାରାଣ୍ଟାଇନ୍ ଓ କୋଭିଡ୍ ନିୟମ ଠିକ୍ ଭାବେ ପାଳନ ହେଉ ନ ଥିବାରୁ ସଂକ୍ରମଣ ବଢୁଛି। ତେଣୁ ଆଗକୁ ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ସଙ୍ଗରୋଧ ଆକ୍ରାନ୍ତଙ୍କ ମଧ୍ୟରେ ୩ଜଣଙ୍କର ଯାତ୍ରା ବିବରଣୀ ରହିଥିବାବେଳେ ଅନ୍ୟମାନେ ପୂର୍ବରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମଣର ଶିକାର ହୋଇଛନ୍ତି। ସେହିଭଳି ଗଙ୍ଗନଗରସ୍ଥିତ ଏକ ଆଶ୍ରୟସ୍ଥଳୀରୁ ୩୮ଜଣ ଆକ୍ରାନ୍ତ ହୋଇଥିବାବେଳେ ନୟାପଲ୍ଲୀ ଇନ୍ଦ୍ରଧନୁ ମାର୍କେଟସ୍ଥିତ ଏକ ସରକାରୀ କାର୍ଯ୍ୟାଳୟରୁ ୧୫ ଜଣ, ଏକ ଘରୋଇ ହସ୍ପିଟାଲରୁ ୧୨, ସପ୍ତମ ବାଟାଲିୟନରୁ ୧୧, ସିଆର୍‌ପିଏଫ୍‌ରୁ ୫ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରେ ସପ୍ତମ ବାଟାଲିୟନରୁ ୧୦, ଆଇଆର୍‌ସି ଭିଲେଜରୁ ୮, ୟୁନିଟ-୩, ଭିଏସଏସ ନଗର, ଜାଗମରା ଓ ୟୁନିଟ-୪ରୁ ୪ ଜଣ ଲେଖାଏ ରହିଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ଏକ ହସ୍ପିଟାଲରୁ ୩ଜଣ ପଜିଟିଭ୍ ବାହାରିଛନ୍ତି। ଏପଟେ ସହରରୁ ଆଉ ୨୧୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୫୧୨୪ରେ ପହଞ୍ଚିଥିବାବେଳେ ୩୬ ଆକ୍ରାନ୍ତଙ୍କ ମୃତ୍ୟୁ ପରେ ୩୪୭୮ଜଣ ସକ୍ରିୟ ରୋଗୀ ରହିଥିବା ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

କଟକ ଅଫିସ,୨୭।୮

**ଅନ୍‌ଲାଇନ କ୍ଲାସରେ ଅଶ୍ଳୀଳ ଭିଡିଓ ଘଟଣା**

ଅନଲାଇନ କ୍ଲାସରେ ଅଶ୍ଳୀଳ ଭିଡିଓ ଅପଲୋଡ୍ ଘଟଣାକୁ ନେଇ ବିବାଦ ତେଜିଛି। ଘଟଣାରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛି ବିଦ୍ୟାଳୟ ପରିଚାଳନା କମିଟି। ପ୍ରଧାନଶିକ୍ଷକ କାର୍ଯ୍ୟରେ ଯୋଗଦେବା ଦିନଠାରୁ ଅନେକ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ଏ ନେଇ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଫଳରେ ଏଭଳି ଘଟଣା ଘଟିଲା ବୋଲି ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଏସ୍. ରେହମତ ଓ ପୂର୍ବତନ କର୍ପୋରେଟର ଅରୁଣ କୁମାର ସେଠୀ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଗୁରୁବାର ମୁଖ୍ୟମନ୍ତ୍ରୀ ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର ପଠାଇଛନ୍ତି।

ସୂଚନାଯୋଗ୍ୟ, ଗତ ଜୁଲାଇ ୩୦ରେ ବିଦ୍ୟାଳୟର ଅନଲାଇନ କ୍ଲାସ ଚାଲିଥିବା ବେଳେ ପ୍ରଧାନଶିକ୍ଷକ ଅଶ୍ଳୀଳ ଫୋଟ ଓ ଭିଡିଓ ଛାଡ଼ିଥିବା ଦରଘାବଜାର ଥାନାରେ ଅଭିଯୋଗ ହୋଇଥିଲା। ତେବେ ସମ୍ପୃକ୍ତ ପ୍ରଧାନଶିକ୍ଷକ କହିଥିଲେ ଯେ, ତାଙ୍କ ଅଜାଣତରେ ଏଭଳି ଘଟିଥିଲା। ଜାଣିବା ପରେ ସେ ପୋଷ୍ଟଟିକୁ ଡିଲିଟ କରି ଦେଇଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ରିପୋର୍ଟ ଦାଖଲ ସତ୍ତ୍ୱେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପରିଚାଳନା କମିଟି ଚେତାବନୀ ଦେଇଛି।

## ଏସ୍‌ପିଙ୍କ ପୁରୁଣା ଅଫିସରେ ଆଦର୍ଶଥାନା

ଖୋର୍ଦ୍ଧାଅଫିସ,୨୭।୮

ବିଜେବି ହାଇସ୍କୁଲର ପୁରାତନ ଛାତ୍ରାବାସରେ ଥିବା ଏସ୍‌ପିଙ୍କ ପୁରୁଣା କାର୍ଯ୍ୟାଳୟରେ ଆଦର୍ଶ ଥାନା କାର୍ଯ୍ୟ ହେବ। ଦୁଇବର୍ଷ ପୂର୍ବେ ଖୋର୍ଦ୍ଧା ଥାନାକୁ ଆଦର୍ଶ ଥାନାଭାବେ ଘୋଷଣା କରାଯାଇଥିଲା। ଫନୀରେ ଥାନା ଆଜବେଷ୍ଟସ ଉଡ଼ିଯାଇଥିଲା। ଏହି ଥାନାର ନୂତନ କୋଠା ନିର୍ମାଣ ପାଇଁ ଅନୁଦାନ ଆସିଥିବା ବେଳେ ଆଦର୍ଶ ଥାନା କାର୍ଯ୍ୟାଳୟ ଅସ୍ଥାୟୀଭାବେ ଏସ୍‌ପିଙ୍କ ପୁରୁଣା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି ବୋଲି ଏସ୍‌ପି ଅଜୟ ପତ୍ରାପ ସ୍ୱାଇଁ କହିଛନ୍ତି। ଥାନା ଚାଲିବା ଲାଗି ଆବଶ୍ୟକୀୟ ଭିତ୍ତିଭୂମି, ସରକାରୀ କାଗଜପତ୍ର ସ୍ଥାନାନ୍ତରିତ କରାଯାଇଥିବା ଥାନାଧିକାରୀ ଉମାଶଙ୍କର ସିଂ ସୂଚନା ଦେଇଛନ୍ତି। ନୂତନ କୋଠା ନିର୍ମାଣ ହେବା ପର୍ଯ୍ୟନ୍ତ ଏଠାରେ ଥାନା କାର୍ଯ୍ୟ ଜାରି ରହିବ ବୋଲି ଜଣାପଡ଼ିଛି।

# ପାଠ ମଉଜ, ବିଦ୍ୟାର୍ଥୀ ପ୍ରତିଭା ସମ୍ମାନ ସମାରୋହ

ନିମାପଡ଼ା,୨୭।୮(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୧୭ତମ ପାଠ ମଉଜ କାର୍ଯ୍ୟକ୍ରମ ଓ ବିଦ୍ୟାର୍ଥୀ ପ୍ରତିଭା ସମ୍ମାନ ସମାରୋହ ସ୍ଥାନୀୟ ପ୍ରାକ୍ଟି ସିଂ ୟୁଜିୟୁପି ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ହେଉଥିବା ବିଭିନ୍ନ ଶିଶୁବିକାଶ, ଶିଶୁଭିତ୍ତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହାସହ ଅତିଥି ଓ ଶିକ୍ଷକମାନେ ବିଭିନ୍ନ ଶିକ୍ଷାଭିତ୍ତିକ ବିଷୟକୁ ନେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ ଯୁକ୍ତ ୨ ପରୀକ୍ଷାରେ ନିମାପଡ଼ା ବ୍ଲକର ଟପ୍ପର ବିଜ୍ଞାନ ଛାତ୍ରୀ ପୁଷ୍ପାଞ୍ଜଳି ମୁଦୁଲି, ମାଟ୍ରିକ ପରୀକ୍ଷାରେ କୃତି ଛାତ୍ରୀଛାତ୍ର ରୋଜାଲିନ ସାହୁ, ସୌମ୍ୟରଞ୍ଜନ ବେହେରାଙ୍କ ସମେତ ପୁରୀର ବିଭିନ୍ନ ଜିଲାର ବହୁ ଛାତ୍ରୀଛାତ୍ରଙ୍କୁ ଗ୍ରୁପ ପକ୍ଷରୁ ମାନପତ୍ର, ପୁଷ୍ପଗୁଚ୍ଛ ଦିଆଯିବା ସହ ବିଦ୍ୟାର୍ଥୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ବସନ୍ତ କୁମାର ମିଶ୍ର, ଶିକ୍ଷକ ନିର୍ମଳ ମିଶ୍ର, ପ୍ରତାପଚନ୍ଦ୍ର ସାବୁତ, ଲିଟିଲ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଲୁଟେରା ଗିରଫ

ପୁରୀ ଅଫିସ,୨୭।୮

**୧୫ ମୋବାଇଲ ଫୋନ, ୨ ବାଇକ୍ ଜବତ**

ପୁରୀ ସହରରେ ମୋବାଇଲ ଫୋନ ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି। ଟାଉନ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୦ ଫୋନ ଲୁଟେରାଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ବିଭିନ୍ନ ଅଞ୍ଚଳର ରାକେଶ ନାୟକ, ରୋହନ ଦଳାଇ, ଚିନ୍ମୟ ସୁନ୍ଦରାୟ, ଅଶୋକ ସାହୁ, ଶତ୍ରୁଜିତ ପାଣି, ଅମରଜିତ ମହାନ୍ତି, ପ୍ରତୁଷ ସେନାପତି, ଗୌତମ ପ୍ରଧାନ, ଏସ୍.କେ. କାଦିର ଓ ଲକ୍ଷ୍ମୀପ୍ରିୟା ବରାଳ। ଏମାନଙ୍କଠାରୁ ୧୫ଟି ମୋବାଇଲ ଫୋନ ଏବଂ ୨ଟି ବାଇକ୍ ଜବତ କରାଯାଇଛି। ୩ଟି ପୃଥକ୍ ମାମଲା (୧୬୯/୨୦, ୧୭୦/୨୦ ଓ ୧୭୧/୨୦)ରେ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ଟାର୍ଗେଟରେ କୌଣସି ବଡ଼ ମୋବାଇଲ ଦୋକାନ ନୁହେଁ, ରାସ୍ତାରେ ଯାଉଥିବା ଲୋକଙ୍କୁ ହିଁ ଟାର୍ଗେଟ କରନ୍ତି। କେହି ସାଇକେଲ କିମ୍ବା ଚାଲି ଚାଲି ଯିବା ଅଥବା ବାଇକ୍‌ରେ ଫୋନରେ କଥା ହୋଇଯିବା ବେଳେ ଏମାନେ ପଛରୁ ଆସି ମୋବାଇଲ ଝାମ୍ପି ନିଅନ୍ତି ବୋଲି ଟାଉନ ଥାନା ଆଇଆଇସି ଉପେନ୍ଦ୍ର ନାଥ ପ୍ରଧାନ କହିଛନ୍ତି। ସମସ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି କହିଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

ପିପିଲି,୨୭।୮(ସ୍ୱ.ପ୍ର.)

ପିପିଲି ବାଇପାସ ଓଭରବ୍ରିଜ (ଡଗରାସାହି)ଠାରେ ଗୁରୁବାର ସକାଳେ ଏକ ଟ୍ରକ ସହ ବାଇକର ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ନିମାପଡା ବ୍ଲକ ସାଇଁଶ ଶାସନ ପଞ୍ଚାୟତ ତୋରିଅଁବନ୍ଧ ଗ୍ରାମର ସୋମନାଥ ଖଟୋଇ। ସ୍ଥାନୀୟ ଲୋକଙ୍କ ସହାୟତାରେ ସୋମନାଥଙ୍କୁ ପ୍ରଥମେ ପିପିଲି ସରକାରୀ ଡାକ୍ତରଖାନା ଓ ପରେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଲୋକେ ଟ୍ରକ ଚାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ପିପିଲି ଥାନା ଏଏସଆଇ ଶାନ୍ତନୁ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ୨ଟି ଗାଡ଼ିକୁ ଜବତ କରିବା ସହ ଟ୍ରକ ଚାଳକଙ୍କୁ ଥାନାକୁ ନେଇଛନ୍ତି। ଏ ନେଇ ପୋଲିସ ନଂ. ୨୫୧/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନନ୍ଦନକାନନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବାରଙ୍ଗ,୨୭।୮(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଜଙ୍ଗଲ ବିଭାଗ ସଚିବ ମୋନା ଶର୍ମା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ଶର୍ମା ଗୁରୁବାର ନନ୍ଦନକାନନ ବୁଲି ଦେଖିବା ସହ ପ୍ରାୟ ଅଢ଼େଇ ଘଣ୍ଟା କାଳ ରହିଥିଲେ। ଏହି ସମୟ ମଧ୍ୟରେ ପରିସରରେ ହେଉଥିବା ବିଦ୍ୟୁତ୍ କାମ, ଜଳ ନିଷ୍କାସନ ବ୍ୟବସ୍ଥା, ମଲ୍‌ଟି ଷ୍ଟୋରେଜ ପାର୍କିଂ, ବଟାନିକାଲ ଗାର୍ଡେନକୁ ନୂଆ ସଂଯୋଗୀକରଣ ରାସ୍ତାକୁ ନେଇ ମୁଖ୍ୟତଃ ସମୀକ୍ଷା କରିଥିଲେ। ଲଗାଣବର୍ଷାରେ ବଟାନିକାଲ ଗାର୍ଡେନ ରାସ୍ତା ସହ ନନ୍ଦନକାନନର କେତେକ ଖାଲ ଅଞ୍ଚଳ ଜଳାର୍ଣ୍ଣବ ହେଉଛି। ଏହାର ବିକଳ୍ପସ୍ୱରୂପ ନନ୍ଦନକାନନ ଜାଗାରେ ଏହି ବର୍ଷାପାଣିକୁ ନେଇ ବୁଢୁନଈରେ କିପରି ନିଷ୍କାସନ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ଏହାପରେ ବଟାନିକାଲ ଗାର୍ଡେନ ମୁଖ୍ୟଫାଟକକୁ ନନ୍ଦନକାନନ-ବାରଙ୍ଗ ମୁଖ୍ୟରାସ୍ତାରୁ ଏକ ସଂଯୋଗୀକରଣ ରାସ୍ତା ପାଇଁ ବେସରକାରୀ ଜମିମାଲିକମାନଙ୍କଠାରୁ ଜମିକିଣିବା ବିଷୟରେ ଆଲୋଚନା କରିଥିଲେ। ପରେ ନନ୍ଦନକାନନ ପକ୍ଷରୁ କରାଯାଉଥିବା ମଲ୍‌ଟି ଷ୍ଟୋରେଜ୍ ପାର୍କିଂ କାର୍ଯ୍ୟର ତଦାରଖ କରିବା ସହ ବସଷ୍ଟାଣ୍ଡରୁ ପାର୍କିଂ ପଟକୁ ହେବାକୁ ଥିବା ଭୂତଳରାସ୍ତା ବିଷୟରେ ବୁଝିଥିଲେ। ଏହାସହ ଆୟୋଜିତ ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ଆସିଥିବା ପଦାଧିକାରୀଙ୍କ ସହ ନିଷ୍ପତ୍ତି ମୁତାବକ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା କରିଛନ୍ତି। ଏଥିରେ ନନ୍ଦନକାନନ ନିର୍ଦ୍ଦେଶକ ଶଶୀ ପଲ୍, ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡାଙ୍କ ସମେତ ନନ୍ଦନକାନନ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବର୍ଷାରେ ଭୁଶୁଡ଼ିଲା ଘର

ନିଆଳି, ୨୭।୮(ଡି.ଏନ୍.ଏ.)

ନିଆଳି ବ୍ଲକ ଅନ୍ତର୍ଗତ ଦେବୀକନ୍ଦଳ ଦ୍ୱୀପାଞ୍ଚଳ ସିଠାଲୋ ପଞ୍ଚାୟତ କୂଳସାହି ଗ୍ରାମରେ ଲଗାଣ ବର୍ଷାରେ ଗୁରୁବାର ଗୋଟିଏ ଘର ଭୁଶୁଡ଼ି ପଡ଼ିଛି। ଏହି ଗ୍ରାମର ସ୍ୱର୍ଗତ ଗାଲୁମାଧବ ସେନାପତିଙ୍କ ସ୍ତ୍ରୀ ଫୁଲ ଦିବ୍ୟାଙ୍କ ୨ ବଖରା ଚାଳ ଘର ରହିଥିଲା। ଗତ ୨ଦିନ ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହିଥିବାରୁ ଗୁରୁବାର ଫୁଲଙ୍କ ମାଟି ଘରଟି ଭୁଶୁଡ଼ି ପଡ଼ିଛି। ଫୁଲ ଅତ୍ୟନ୍ତ ଗରୀବ ଶ୍ରେଣୀର ଅଟନ୍ତି। ଅଭାବ ଯୋଗୁ ଗତ ୫ ବର୍ଷ ମଧ୍ୟରେ ତାଙ୍କର ୨ଟି ପୁଅ ରୋଗଗ୍ରସ୍ତ ହୋଇ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଛନ୍ତି। ଏବେ ତାଙ୍କର ସାନ ପୁଅ ମୂଲ ମଜୁରିରେ ଘର ଚଳାଉଛନ୍ତି। ମାତ୍ର କରୋନା ଯୋଗୁ କାମ ଧନ୍ଦା ମିଳୁ ନ ଥିବାରୁ ଅତ୍ୟନ୍ତ କଷ୍ଟରେ ଜୀବନ ବିତାଉଛନ୍ତି। ଏଭଳି ସମୟରେ ଲଗାଣ ବର୍ଷା ତାଙ୍କ ପାଇଁ ଦାଉ ସାଧିଛି। ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ପୁରୀ: ୩ ହଜାର ଟପିଲା ପଜିଟିଭ୍

ପୁରୀ ଅଫିସ,୨୭।୮

- ପୁଣି ୧୨୧ ଆକ୍ରାନ୍ତ ଚିହ୍ନଟ
- ଚିନ୍ତା ବଢ଼ାଇଲେଣି ସ୍ଥାନୀୟ ସଂକ୍ରମଣ

ପୁରୀ ଜିଲାର ମୋଟ କରୋନା ପଜିଟିଭ ସଂଖ୍ୟା ୩ ହଜାର ଟପିଯାଇଛି। ଗୁରୁବାର ଜିଲାରୁ ୧୨୧ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୮୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨,୧୨୦ ସୁସ୍ଥ ହୋଇଥିବା ବେଳେ ୯୫୨ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଏପର୍ଯ୍ୟନ୍ତ ଜିଲାର ୧୧ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଚିହ୍ନଟଙ୍କ ମଧ୍ୟରେ ସହରାଞ୍ଚଳର ୩୧ ଏବଂ ଗ୍ରାମାଞ୍ଚଳର ୯୦ ଜଣ ରହିଛନ୍ତି। ତେବେ ଦିନକୁ ଦିନ ସ୍ଥାନୀୟ ସଂକ୍ରମଣଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାବାସୀ ମଧ୍ୟ ଚିନ୍ତାରେ ପଡ଼ିଲେଣି। ମ୍ୟୁନିସିପାଲିଟିର ୩୨ଟି ୱାର୍ଡ ମଧ୍ୟରୁ ୧୨ଟି ୱାର୍ଡକୁ ବାଦ୍ ଦେଲେ ଗୁରୁବାର ଆଉ ସମସ୍ତ ୱାର୍ଡରୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୨ ନଂ. ୱାର୍ଡରୁ ସର୍ବାଧିକ ୫ଜଣ ରହିଛନ୍ତି। ସହରାଞ୍ଚଳର ପଜିଟିଭଙ୍କ ମଧ୍ୟରୁ ୬ଜଣ ପୂର୍ବସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ୨୫ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ନିମାପଡ଼ା ବ୍ଲକରୁ ୩୨, କୃଷ୍ଣପ୍ରସାଦ ୨୨, ପିପିଲି ୯, ପୁରୀ ସଦର ୭, କାକଟପୁର ଓ ସତ୍ୟବାଦୀ ୬ ଲେଖାଏ, ବ୍ରହ୍ମଗିରି ୫, କଣାସ ୨ ଓ ଗୋପ ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୭ ଜଣ ପୂର୍ବ ଆକ୍ରାନ୍ତଙ୍କ ସମ୍ପର୍କରେ ଆସିଥିବାବେଳେ ୫୩ଜଣ ସ୍ଥାନୀୟ ସଂକ୍ରମିତ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରୁ ମୋଟ ୫୬,୫୨୬ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏଥିମଧ୍ୟରୁ ୩,୦୮୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୬୮.୬୯ ପ୍ରତିଶତ। ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ ୪୩ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବା ବେଳେ ୧୭୨ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୧୯ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି।

# ଧାରଣାରେ ସାମିଲହେଲା କୋଣାର୍କ ମହିଳା ସଂଘ

କୋଣାର୍କ,୨୭।୮(ଡି.ଏନ୍.ଏ.)



କୋଣାର୍କ ମହିଳା ମହାସଂଘର ସଦସ୍ୟାମାନେ ଧାରଣାରେ ବସିଛନ୍ତି।

କୋଣାର୍କ ଏନ୍‌ଏସିର ୧୦ନଂ. ୱାର୍ଡରେ ରହୁଥିବା ଜ୍ଞାନରଞ୍ଜନ ପଣ୍ଡାଙ୍କୁ କୋଣାର୍କ ଥାନା ଏସଆଇ ଦିଲୀପ କୁମାର ବେହେରାଙ୍କ ମାଡ଼ ଘଟଣା ଜଟିଳ ହେବାରେ ଲାଗିଛି। କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ଜ୍ଞାନରଞ୍ଜନଙ୍କ ସ୍ତ୍ରୀ ଶୈଳବାଳା ଧାରଣା ଦେଇଥିବାବେଳେ ଗୁରୁବାର କୋଣାର୍କ ମହିଳା ମହାସଂଘ ଏଥିରେ ସାମିଲ ହୋଇଛି। ମହାସଂଘ ସଭାନେତ୍ରୀ ମିନର୍ଭା ରାଉତଙ୍କ ନେତୃତ୍ୱରେ ମହିଳା ସଦସ୍ୟମାନେ ଥାନା ଆଗରେ ଧାରଣା ଦେଇଥିଲେ। ସୂଚନାଯୋଗ୍ୟ, ଗତ ୨୪ତାରିଖରେ ଜ୍ଞାନରଞ୍ଜନ ଥାନା ଛକ ନିକଟ ଏକ ଗ୍ରସେରି ଦୋକାନକୁ ସାମଗ୍ରୀ ଆଣିବାକୁ ଯାଇଥିବାବେଳେ ଏସଆଇ ବେହେରା ତାଙ୍କୁ ରାସ୍ତାରୁ ଉଠାଇ ନେଇ ଥାନା ଭିତରେ ମାଡ଼ ମାରିଥିଲେ। ଏ ନେଇ ଜ୍ଞାନଙ୍କ ସ୍ତ୍ରୀ ଉକ୍ତ ଏସ୍‌ଆଇଙ୍କ ବିରୋଧ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗକୁ ୭୨ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ମାମଲା କିମ୍ବା ଏସ୍‌ଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଫଳରେ ଶୈଳବାଳା ନ୍ୟାୟ ଦାବିରେ ଧାରଣା ଦେଇଥିବାବେଳେ କୋଣାର୍କ ମହିଳା ମହାସଂଘ ସାମିଲ ହୋଇ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଏହାସହ ସଂଘ ପକ୍ଷରୁ ଜ୍ଞାନରଞ୍ଜନଙ୍କୁ ନ୍ୟାୟ ପ୍ରଦାନ ସହ ଏସଆଇ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଏକ ଦାବିପତ୍ର ପୁରୀ ଏସ୍‌ପିଙ୍କ ଉଦ୍ଦେଶ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଏହାସହ ଭୁବନେଶ୍ୱର ଅଞ୍ଚଳର ମାନବାଧିକାରୀ କର୍ମୀ ପ୍ରଦୀପ୍ତ କୁମାର ନାୟକ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏସଆଇ ବେହେରାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆହତ ଜ୍ଞାନରଞ୍ଜନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁବାର ମଧ୍ୟ ଏସ୍‌ଆଇଙ୍କ ପ୍ରତିକ୍ରିୟା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ମିଳିପାରି ନାହିଁ। ଅନ୍ୟପଟେ ଏସଆଇ ବେହେରାଙ୍କୁ ୭ଦିନ ମଧ୍ୟରେ ନିଲମ୍ବିତ କରା ନ ଯାଏ ତେବେ ଧାରଣା ଅବ୍ୟାହତ ରଖାଯିବ ବୋଲି ମହିଳା ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ଏସ୍‌ଆଇଙ୍କ ମାଡ଼ ମାମଲା**

